ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଅକ୍ଟୋବର ୨୦୨୩

**ଗଛରେ ପିଟିହେଲା କାର, ଚାଳକ ଗୁରୁତର**

ବଡ଼ସାହି, (ସମ୍ବିତ କୁମାର ରାଉତ): ମୟୂରଭଞ୍ଜ ଜିଲା ବଡ଼ସାହି ଛକରୁ ମା’ ହିଙ୍ଗୁଳା ରାସ୍ତା ବିବେକାନନ୍ଦ ସ୍କୁଲ ନିକଟରେ ଏକ କାର ଶନିବାର ରାତିରେ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେଇଛି। କାରର ଡାହାଣ ପାର୍ଶ୍ୱ ଓ ସମ୍ମୁଖ ଭାଗ ଭାଙ୍ଗି ଯାଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ଚାଳକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଉଦଳା ନାଗପଲ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ ସୋରରେ ଏକ ବ୍ୟାଙ୍କରେ ମ୍ୟାନେଜର ଭାବେ କାର୍ଯ୍ୟକରନ୍ତି। ବଡ଼ସାହି ଅଗ୍ନିଶମ ବିଭାଗ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।



## ସଂକ୍ଷେପରେ

### ବିଶ୍ୱ ଷ୍ଟ୍ରୋକ ଦିବସ

ଚାନ୍ଦବାଲି, ୨୯।୧୦ (କିଷାନ ପାତ୍ର/ଅଶୋକ ପଣ୍ଡା)- ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଧାମରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ଷ୍ଟ୍ରୋକ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧାମରା ମେଡିକାଲର ଡା. ଜନ୍ମେଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚାନ୍ଦବାଲି ମେଡିକାଲ ଅଧିକାରୀ ଡା. ଅଶୋକ ମିଶ୍ର ଯୋଗଦେଇ ଷ୍ଟ୍ରୋକ ନିରାକାରଣ ଓ ପ୍ରତିକାର ଉପରେ ପରାମର୍ଶ ଦେଇଥିଲେ। ମେଡିସିନ ଥେରାପି, ଯୋଗ ଥେରାପି, ଫିଜିଓଥେରାପି ଉପରେ ଗୁରୁତ୍ୱ ଦେବା ସହ ଷ୍ଟ୍ରୋକ୍‌ରୁ ସୁରକ୍ଷିତ ରହିବା ପାଇଁ କମ୍ ଲୁଣ ଓ ଅଧିକ ତନ୍ତୁ ଯୁକ୍ତ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଏଏନ୍‌ଏମ୍, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

### ତାଲା ଭାଙ୍ଗି ହୋଟେଲରୁ ଚୋରି

ମୋରଡ଼ା, ୨୯।୧୦ (ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଧାନଶୋଳ-ଛୋଟରାୟପୁର ରାସ୍ତାକଡ଼ରେ ଥିବା ଏକ ହୋଟେଲରୁ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଛନ୍ତି। ହୋଟେଲର ମାଲିକ ବିଦ୍ୟାଧର ମହାନ୍ତ ରବିବାର ଦିନ ୧ଟା ବେଳେ ହୋଟେଲରେ ତାଲା ପକାଇ ଘରକୁ ଖାଇବା ପାଇଁ ଯାଇଥିଲେ। ଫେରି ହୋଟେଲ କବାଟ ତାଲା ଭଙ୍ଗାଯାଇ ଏଲ୍‌ସିଡି ଟିଭି, ବ୍ୟାଟେରି, ଇନ୍‌ଭର୍ଟର ଚୋରି ହୋଇଥିବା ଦେଖିଥିଲେ। ଏନେଇ ମୋରଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରୁଛି।

### କାମେଶ୍ୱର ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ଚମ୍ପୁଆ, ୨୯।୧୦ (ମହେଶ୍ୱର ଦାସ): ମୟୂରଭଞ୍ଜ ଜିଲାଠାରେ ଥିବା କାମେଶ୍ୱର ମନ୍ଦିର ଉନ୍ନୟନ କମିଟିର ସଭାପତି ସତ୍ୟାନନ୍ଦ ବେହେରା ଓ ଓଡ଼ିଶା ପ୍ରଶାସନିକ ସେବା ଅବସରପ୍ରାପ୍ତ ଅଧିକାରୀ ବନମାଳୀ ମହାନ୍ତଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରରୁଆଁ ବ୍ଲକ୍ ବିଡିଓ ପ୍ରେମାନନ୍ଦ ବେହେରା, ମୁଖ୍ୟ ବକ୍ତାଭାବେ ଘଟଗାଁ ତହସିଲଦାର ଜନକ ନାୟକ, ସ୍ୱତନ୍ତ୍ର ଅତିଥିଭାବେ ଯଶିପୁର ବିଧାୟକ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଘାଗରବେଡ଼ା ଅଞ୍ଚଳର କବି, ଲେଖକ, ଗାଳ୍ପିକ, ଅଧ୍ୟାପକ, ସାମାଜିକକର୍ମୀ ଉମାକାନ୍ତ ସିଂହଙ୍କୁ ‘ବହୁମୁଖ ପ୍ରତିଭା ସମ୍ମାନ’ରେ ସମ୍ମାନିତ କରିଥିଲେ। ଟିଙ୍ଗିରିୟା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ମହାନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ମୁଖ୍ୟ ପୂଜକ ନିରଞ୍ଜନ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମାଜିକକର୍ମୀ ଜିତେନ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ସାମାଜିକକର୍ମୀ ଇଂ. ଡକ ହେଶା, ରରୁଆଁ ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷ ଦିଲୀପ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ ସୁକଦେବ ବେହେରା, ଶିବପ୍ରସାଦ ମହାନ୍ତ, ଜାନକୀ ମହାନ୍ତ, ପୁରେନ୍ଦ୍ର ମହାନ୍ତ, ତ୍ରିନାଥ ମହାନ୍ତ ସହଯୋଗ କରିଥିଲେ।

# ମୁଖ୍ୟ ଆକର୍ଷଣ କୀଚକେଶ୍ୱରୀ ମନ୍ଦିର ଆକୃତି ତୋରଣ

**ବାରିପଦା, ୨୯।୧୦**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

**୧ରୁ ମୟୂରଭଞ୍ଜ ମହୋତ୍ସବ**

■ ୧୦ ଦିନ ଚାଲିବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

■ ରାଜ୍ୟ ବାହାର ଆଦିବାସୀ କଳାକାର ଯୋଗଦେବେ

ମୟୂରଭଞ୍ଜ ଜିଲା କଳା, ସଂସ୍କୃତି ଓ ପରମ୍ପରା ପାଇଁ ବିଶ୍ୱ ଦରବାରରେ ପ୍ରସିଦ୍ଧ। ଜିଲାର ଐତିହ୍ୟ ବହନ କରୁଥିବା ରାଜପ୍ରାସାଦ ଓ ନିଖୁଣ କାରୁକାର୍ଯ୍ୟରେ ଭରା ମନ୍ଦିରକୁ ନେଇ ସ୍ୱତନ୍ତ୍ରତା ରହିଛି। ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଜିଲାର ଭାସ୍କର୍ଯ୍ୟ, କଳାକାରଙ୍କ କଳାକୃତି ଓ ଅଭିନୟ ସହ ରାଜ୍ୟ ଓ ରାଜ୍ୟ ବାହାର କଳାକାରଙ୍କ ପ୍ରତିଭା ପ୍ରଦର୍ଶନ ଓ କଳାକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ୬ ବର୍ଷ ହେବ ମୟୂରଭଞ୍ଜ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ଚଳିତ ବର୍ଷ ୧୦ ଦିନ ବ୍ୟାପୀ ବାରିପଦାସ୍ଥିତ ଐତିହାସିକ ଛଉ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ମୟୂରଭଞ୍ଜ ମହୋତ୍ସବ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆଗେଇ ଚାଲିଛି।

ମହୋତ୍ସବ ନଭେମ୍ବର ୨ରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୧ତାରିଖ ଦିନ କାର୍ନିଭାଲ ଶୋଭାଯାତ୍ରା ବଜାର ପରିକ୍ରମା କରିବ। ଜିଲାର ସଦର ମହକୁମା ବାରିପଦାରେ ଅନୁଷ୍ଠିତ ହେଉଥିବା ମହୋତ୍ସବର ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ରହିଛି ମା’ କୀଚକେଶ୍ୱରୀଙ୍କ ମନ୍ଦିର ଆକୃତିର ତୋରଣ। କଳା ମୁଗୁନି ପଥରରେ ନିର୍ମାଣ କରାଯାଇଥିବା ମନ୍ଦିରର ଅବିକଳ କାରୁକାର୍ଯ୍ୟ ତୋରଣରେ କରାଯାଉଛି। ଉଦଳା ଅଞ୍ଚଳର ମୁଖ୍ୟ କାରିଗର ଜିତେନ୍ଦ୍ର ହେମ୍ବ୍ରମ ଓ ଭଗବାନ ମହାପାତ୍ରଙ୍କ ସହ ଶିଳ୍ପୀମାନେ ପ୍ଲାଷ୍ଟର ପ୍ୟାରିସ ମାଧ୍ୟମରେ ନିଖୁଣ କାରୁକାର୍ଯ୍ୟ କରୁଛନ୍ତି। ଏଥିସହ କେସନା ଗାଁ ପଥର ମୂର୍ତ୍ତି ଓ ଖିଚିଂର ଚନ୍ଦ୍ରଶେଖର ଶିବ ମନ୍ଦିର ଶୋଭାବର୍ଦ୍ଧନ କରିବ। ଜିଲାର ସାନ୍ତାଳୀ କଳାକାରଙ୍କ ସମେତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଆସାମର ସାନ୍ତାଳୀ କଳାକାର ଯୋଗଦେବେ। ସେହିଭଳି ଜିଲାର ଝୁମର କଳାକାରଙ୍କ ସମେତ ପ୍ରତିଷ୍ଠିତ ଗାୟିକା ଉର୍ମିଳା ମହାନ୍ତ, ଗୌତମ ମହାନ୍ତଙ୍କ ସ୍ୱର ଓ ତାଳରେ ଦର୍ଶକମାନେ ଝୁମିବାର ସୁଯୋଗ ପାଇବେ। ସେହିପରି ହିନ୍ଦୀ ଗାୟିକା ସାଧନା ସରଗମ, ଇଣ୍ଡିଆନ ଆଇଡଲର ପ୍ରତିଯୋଗୀ ଅନନ୍ୟା ଶ୍ରୀତମ ନନ୍ଦ ଓ ଅନୁଷ୍କା ପାତ୍ର, ଓଡ଼ିଆ ଗାୟିକା ଅସୀମା ପଣ୍ଡା ଓ ଇରା ମହାନ୍ତିଙ୍କ ସହ ମୟୂରଭଞ୍ଜିଆ କଳାକାର ପପୁ ପମପମ, ସ୍ୱରାଜ ବାରିକଙ୍କୁ ନେଇ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବରେ ଜିଲାର ହସ୍ତଶିଳ୍ପଠାରୁ ଆରମ୍ଭ କରି କୁଟୀର ଶିଳ୍ପ ଆଦି ନେଇ ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିବା ନେଇ ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି।



ନିର୍ମାଣାଧୀନ କୀଚକେଶ୍ୱରୀଙ୍କ ମନ୍ଦିର ଆକୃତିର ତୋରଣ।

# ଅବସରପ୍ରାପ୍ତ ଶିକ୍ଷକ ସମ୍ବର୍ଦ୍ଧିତ



ଭାଜପାର ବନ୍ଧୁମିଳନ ଉତ୍ସବରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ବନ୍ତ, ୨୯।୧୦ (ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଲୋକ ପଞ୍ଚାୟତ ଭାଜପା ପକ୍ଷରୁ ରବିବାର ବନ୍ଧୁମିଳନ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ସେନାପତି, ବାବାଜୀ ଚରଣ ଦଳେଇ, ପଦ୍ମଲୋଚନ ଧଳ, ମନମୋହନ ଆଚାର୍ଯ୍ୟ, ରାମଚନ୍ଦ୍ର ରାଉତ, ନବ କିଶୋର ଲେଙ୍କା, ନିରାକର ବେହେରା, କଳାକାର ମିଶ୍ର, ଗଣେଶ ଚନ୍ଦ୍ର ପଣ୍ଡା, ଭଗବାନ ମିଶ୍ର, ଉପେନ୍ଦ୍ର ମିଶ୍ର, ନରହରି ବାରିକ, ଲକ୍ଷ୍ମୀଧର ସାହୁ, ଶମ୍ଭୁନାଥ ଜେନା, ସନାତନ ନାୟକ, ଗୋବିନ୍ଦ ଚନ୍ଦ୍ର ବାରିକ, ଦଶରଥ ଜେନା, କୃପାସିନ୍ଧୁ ପଣ୍ଡା, କୁଳମଣି ଦାସଙ୍କ ସମେତ ପ୍ରାକ୍ତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିଲୋକ ମହାଦେବ ମନ୍ଦିର ସମ୍ମୁଖରେ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱ ଓ ଶଙ୍କର୍ଷଣ ଜେନାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦୀୟ କ୍ଷେତ୍ର ନେତା ଅଭିମନ୍ୟୁ ସେଠୀ, ନିର୍ବାଚନମଣ୍ଡଳୀ ନେତା ବଦ୍ରି ନାରାୟଣ ଧଳ, ପୂର୍ବତନ ସଙ୍ଗଠନ ମନ୍ତ୍ରୀ ପଞ୍ଚାନନ ରାଉତ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଧାଂଶୁ ନାୟକ, ସମିତିସଭ୍ୟ ଉଦ୍ଧବ ଚରଣ ସେଠୀ, ପୂର୍ବତନ ସରପଞ୍ଚ କିଶୋର କିଙ୍କର ପଡିଆରୀ, ନିର୍ବାଚନମଣ୍ଡଳୀ ସଂଯୋଜକ ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଗୌରହରି ନନ୍ଦ, ହରେକୃଷ୍ଣ ସେନାପତି, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଶାନ୍ତ ଦାଶ, ବିକାଶ ରଞ୍ଜନ ଦାଶ, ଭୂପତି ସ୍ୱାଇଁ, ସଞ୍ଜୟ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ଉଦାହରଣ ସାଜିଛି ଓଡ଼ିଶା




କୃତୀ ପ୍ରତିଯୋଗୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**କେନ୍ଦୁଝର, ୨୯।୧୦**
**(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)**

**ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ**

କେନ୍ଦୁଝର ଜିଲା ପ୍ରଶାସନ ଏବଂ ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି(ଓସ୍‌ଡମା) ଆନୁକୂଲ୍ୟରେ ଦରବାର ହଲଠାରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ୨୦୨୩ ପାଳିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲାଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ଅତିଥିଭାବେ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପ ଜିଲାପାଳ ରାମଚନ୍ଦ୍ର କିସ୍କୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ ନାୟକ, କେନ୍ଦୁଝର ଏନ୍‌ସିସି ବାଟାଲିୟନ କମାଣ୍ଡାଣ୍ଟ ଏମ୍ ଚନ୍ଦ୍ରଶେଖର ରାଓ ଅତିଥିଭାବେ ଯୋଗଦେଇ ୧୯୯୯ ମହାବାତ୍ୟା, ଫନି ବାତ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଅଭିଜ୍ଞତାକୁ ଭିତ୍ତିକରି ଓଡ଼ିଶା ସମଗ୍ର ବିଶ୍ୱରେ ସଫଳ ବିପର୍ଯ୍ୟୟ ପରିଚାଳନାର ଉଦାହରଣ ପାଲଟି ଯାଇଛି। ବିଶ୍ୱ ଆଜି ଓଡ଼ିଶାରୁ ଜ୍ଞାନ ଆହରଣ କରୁଛି ବୋଲି ପ୍ରକାଶ କରିଥିଲେ। ଜିଲା ରେଡ୍‌କ୍ରସ ଯୁଗ୍ମ ସମ୍ପାଦକ ଏ.ଆର. ଖାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସ୍‌ଡମା ଜିଲା ପ୍ରକଳ୍ପ ଅଧିକାରୀ ସୁଧାଂଶୁ ପୃଷ୍ଟି ଉତ୍ସବ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଆପାତକାଳୀନ ଅଫିସ କର୍ମଚାରୀ ଦୟାନିଧି ସେଠୀ, ସନ୍ଦୀପ ପଟ୍ଟନାୟକ, ସତ୍ୟବତୀ ଲାଗୁରି, ଏନ୍‌ସିସି ଅଫିସର ବିଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଡିସେମ୍ବର ୧୫ରୁ ବାଲେଶ୍ୱର ଜିଲା ଦୌଡ଼କୁଦ ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୨୯।୧୦ (ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୧୫, ୧୬ ଏବଂ ୧୭ ତାରିଖ ୩ ଦିନ ଧରି ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ୭୯ତମ ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା (୧୨ ବର୍ଷ, ୧୪ ବର୍ଷ, ୧୬ ବର୍ଷ, ୧୮ ବର୍ଷ, ୨୦ ବର୍ଷ ବର୍ଗର ବାଳିକା ଓ ବାଳକ ଏବଂ ମହିଳା ଓ ପୁରୁଷ) ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସାଧାରଣ ସମ୍ପାଦକ ଅଧୀପ ଦାସ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଆଗ୍ରହୀ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଅନୁଷ୍ଠାନର କ୍ରୀଡ଼ାବିତ୍‌ମାନେ ଷ୍ଟାଡିୟମରୁ ଫର୍ମ ନେଇ ଆସନ୍ତା ନଭେମ୍ବର ୧୬ ତାରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ପଞ୍ଜୀକରଣ କରାଇବେ। କ୍ରୀଡ଼ା ସମ୍ପର୍କରେ ସମସ୍ତ ବିଷୟ ପାଇଁ ଯୁଗ୍ମ ସମ୍ପାଦକ ବୀରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫) ଓ ଯୁଗ୍ମ ସମ୍ପାଦକ (ଆଥଲେଟିକ୍ସ) ସଞ୍ଜୟ କୁମାର ଲେଙ୍କା (୬୩୭୧୬୫୨୯୩୩)ଙ୍କ ସହିତ ଯୋଗାଯୋଗ କରିବାକୁ ସାଧାରଣ ସମ୍ପାଦକ ଦାସ ଜଣାଇଛନ୍ତି।

# ତୃତୀୟ ପୁରସ୍କାର ପାଇଁ ମିଳିଲେନି ପ୍ରତିଯୋଗୀ

**ଖଇରା ବ୍ଲକରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବକ୍ତୃତା ପ୍ରତିଯୋଗିତା**

**ଖଇରା, ୨୯।୧୦ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସଭାଗୃହରେ ରବିବାର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଅବ୍ୟବସ୍ଥା ମଧ୍ୟରେ ପାଳିତ ହୋଇଯାଇଛି। ଏଥି ନିମନ୍ତେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଜୁନିୟର ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ସିନିୟର ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ହେଲେ ଆବଶ୍ୟକ ସୂଚନା ଅଭାବରୁ ଜୁନିୟରରେ କେବଳ ଖଇରା ହାଇସ୍କୁଲରୁ ମାତ୍ର ୮ଜଣ ପିଲା ଭାଗ ନେଇଥିବା ବେଳେ ସିନିୟରରେ ଖଇରା କଲେଜରୁ ୨ଜଣ ପିଲା ଅଂଶ ଗ୍ରହଣ କରିଥିଲେ। ଜୁନିୟରରେ କୃତୀ ଛାତ୍ରୀଛାତ୍ର ବାଛିବାରେ ବିଚାରକଙ୍କୁ ବିଶେଷ ଅସୁବିଧା ହୋଇ ନ ଥିବା ବେଳେ ସିନିୟରରେ ତୃତୀୟ ପୁରସ୍କାର ପାଇଁ ପ୍ରତିଯୋଗୀର ଅଭାବ ପଡିଥିଲା। ଅର୍ଥାତ ବିଡମ୍ବନା ଏହି କି ଯେ, ତୃତୀୟ ପୁରସ୍କାର ଭାବେ ଆସିଥିବା କପ୍‌ଟିକୁ ବ୍ଲକ ପ୍ରଶାସନ ଫେରାଇବାକୁ ବାଧ୍ୟ ହୋଇଥିଲା। ଦୁର୍ଗାପୂଜା ଛୁଟି ପଡ଼ିବା ଏବଂ ବିଡିଓ ଅଦଳବଦଳ ଯୋଗୁ ସବୁ ବିଦ୍ୟାଳୟ ମହାବିଦ୍ୟାଳୟ, ଲୋକପ୍ରତିନିଧିଙ୍କ ପାଖରେ ଠିକ୍ ସମୟରେ ସୂଚନା ନ ପହଞ୍ଚିବା ଏଭଳି ଅବ୍ୟବସ୍ଥା ପାଇଁ ଦାୟୀ ବୋଲି ବ୍ଲକ ପ୍ରଶାସନ ତରଫରୁ ସଫେଇ ଦିଆଯାଇଛି। ଏହି ଦିବସ ପାଳନ ପାଇଁ ଜିଲା ଜରୁରୀ ସେଲ ତରଫରୁ ୧୭ ତାରିଖରେ ଖଇରା ବ୍ଲକକୁ ଚିଠି କରାଯାଇଥିଲା। ଚିଠିରେ ଖଇରା ବ୍ଲକର ସମସ୍ତ ୫-ଟି ହାଇସ୍କୁଲ ଓ ୫ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବାକୁ ନିର୍ଦ୍ଦେଶ ରହିଥିଲା। ଯେଉଁମାନେ କି ଆଗାମୀ ଦିନରେ ଜିଲାସ୍ତରରେ ଭାଗ ନେଇ ପାରିବେ। ହେଲେ ମାତ୍ର ଗୋଟିଏ ଦିନ ଆଗରୁ ସ୍କୁଲ ଓ କଲେଜକୁ ଚିଠି କରାଯାଇଥିବା ବେଳେ ଏବେ ଦୁର୍ଗାପୂଜା ଛୁଟି ଚାଲିଥିବାରୁ ପିଲାମାନେ ଜାଣି ପାରି ନ ଥିଲେ। ବହୁ ମେଧାବୀ ଛାତ୍ରୀଛାତ୍ର ଏଭଳି ପ୍ରତିଯୋଗିତାରୁ ବଞ୍ଚିତ ହୋଇଥିବାରୁ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିଭଳି ମାତ୍ର ୬ଜଣ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଶିକ୍ଷକ ଭରତ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅନନ୍ତ କୁମାର ହାଁସଦା ଯୋଗଦେଇ ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନ ହେବା ସହ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଯନ୍ତ୍ରୀ ଉତ୍ତମ ସାହୁ, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସିପି ଶଶିକାନ୍ତ ଦାସ ଅନ୍ୟତମ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର ବେହେରା, ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ ବିଚାରକ ଭାବେ ଯୋଗ ଦେଇଥିଲେ। ଜୁନିୟରରେ ଅନନ୍ୟା ଶତପଥୀ, ପ୍ରିୟାଂଶୀ ମହାପାତ୍ର ଓ ଆଦିତ୍ୟ ନାୟକ ଏବଂ ସିନିୟରରେ ଅର୍ପିତା ସାହୁ ଓ ମୋନାଲିଶା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

# ରାସ୍ତା ପାର୍ଶ୍ୱକୁ ଖସିଲା ବସ୍

**ରୂପସା, ୨୯।୧୦ (ବାଞ୍ଛାନିଧି ଦେ)**

**ଅଳ୍ପକେ ବର୍ତ୍ତିଲେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ**

ବାଲେଶ୍ୱର ଜିଲା ସଦର ବ୍ଲକ୍ ଅଧୀନ ସାର୍ଥା ବଜାର ନିକଟରେ ଷ୍ଟିୟରିଂ ରଡ୍ ଭାଙ୍ଗିଯିବାରୁ ଏକ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିଯାଇଛି। ସୌଭାଗ୍ୟ ବସତଃ ବସ୍ ଆଗ ଚକା ଏକ ଖାଲରେ ପଡ଼ି ଅଟକି ଯିବାରୁ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଗୁଡ଼ଲି ନାମକ ଏକ ଘରୋଇ ବସ୍ ବାଲିଆପାଳରୁ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭାୟା ଲଙ୍ଗଳେଶ୍ୱର ଓ ସାର୍ଥା ହୋଇ ବାଲେଶ୍ୱର ଅଭିମୁଖେ ଯାଉଥିଲା। ସାର୍ଥା ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିବା ପରେ ବସ୍‌ର ଷ୍ଟିୟରିଂ ରଡ୍ ଭାଙ୍ଗି ଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଗଡ଼ିଯାଇ ଏକ ଖାଲରେ ଅଟକି ଯାଇଥିଲା। ଯାତ୍ରୀମାନେ ଭୟଭୀତ ହୋଇ ବସ୍‌ରୁ ତଳକୁ ଓହ୍ଲାଇ ପଡ଼ିଥିଲେ। ତେବେ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ଆହତ ହୋଇ ନ ଥିବା ବେଳେ ବସ୍‌ର ମାଲିକ ଅନ୍ୟ ଏକ ବସ୍ ପଠାଇବା ପରେ ଯାତ୍ରୀମାନେ ନିଜ ନିଜର ଗନ୍ତବ୍ୟସ୍ଥଳକୁ ଯାଇଥିବା ସୂଚନା ମିଳିଛି।



ଦୁର୍ଘଟଣାଗ୍ରସ୍ତ ବସ୍‌ର ଯାତ୍ରୀମାନଙ୍କୁ ଅନ୍ୟ ବସ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଯାଉଛି।

# ଭିକ ମାଗୁଛନ୍ତି ଭଉଣୀ, ଭାଇ

**ସାବତ ମା’ ଦେଉଛନ୍ତି ନିର୍ଯ୍ୟାତନା**

**ହାଟଡ଼ିହୀ, ୨୯।୧୦ (ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଅଧୀନ ଢେଙ୍କା ଅଞ୍ଚଳରେ ସାବତ ମା’ଙ୍କ ନିର୍ଯ୍ୟାତନା ଶିକାର ହୋଇ ୨ ନିଷ୍ପାପ ଭଉଣୀ ଭାଇ ଭିଗ ମାଗୁଥିବା ଦୃଶ୍ୟ ରବିବାର ଦିନ ଦେଖିବାକୁ ମିଳିଛି। ଶିଶୁଙ୍କ ଯତ୍ନ ଓ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ପ୍ରଣୟନ ହେଉଛି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ଏଠାରେ ଜୀବନକୁ ଭଲ ଭାବେ ବୁଝି ନ ଥିବା ଭଉଣୀ, ଭାଇ ଭୋକର ଜ୍ୱାଳାକୁ ସହି ନ ପାରି ଘର ଘର ବୁଲି ଖାଦ୍ୟ ମାଗିବା ଆଲୋଚନାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ହାତରେ ଗୋଟେ ଜରି ବ୍ୟାଗ ଧରି ୭ ବର୍ଷର ଭଉଣୀକୁ ସାଥିରେ ଧରି ୧୦ ବର୍ଷର ଭାଇ ଘର ଘର ବୁଲି ଭିକ ମାଗୁଥିଲେ। ଉଭୟ ଢେଙ୍କା ଗ୍ରାମର ଅର୍ଜୁନ ମାଝୀଙ୍କ ଘରକୁ ଯାଇ ଖାଇବାକୁ ମାଗିଥିଲେ। ଅର୍ଜୁନ ଦୁଇ ଭଉଣୀ ଭାଇଙ୍କୁ ଖାଇବାକୁ ଦେଇ ଭିକ ମାଗିବାର କାରଣ ଓ ଠିକଣା ପଚାରିଥିଲେ। ବାଳକ ଜଣକ ନିଜ ନାମ କହିବା ସହ ଘର ଶଢ଼ା ଅଞ୍ଚଳରେ ବୋଲି କହିଥିଲେ। ତାଙ୍କ ମା’ଙ୍କ ମୃତ୍ୟୁ ପରେ ସାବତ ମା’ ଖାଇବାକୁ ଦେଉନାହାନ୍ତି। ଦୁହେଁ ନିଜେ ରୋଷେଇ କରି ଖାଉଛନ୍ତି। ବାପାଙ୍କ ନାମ ପଚରା ଯିବାରୁ ଚୁପ୍ ରହିଥିଲେ। ପରେ ଅନ୍ୟତ୍ର ପଳାଇଥିଲେ। ଭୟ ଦେଖାଇ କୋମଳମତି ବୟସରେ ଭଉଣୀ, ଭାଇଙ୍କୁ ଭିକ ମଗାଯାଉଥିବା ଆଲୋଚନା ହେଉଛି। ଘଟଣା ବିଷୟରେ ଶୁଣିବା ପରେ ଭାଜପା ନେତା ଆଲୋକ ସେଠୀ, ପୂର୍ବତନ ସମିତି ସଭ୍ୟ ବୀରେନ୍ଦ୍ର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଜୟନ୍ତୀ ସାମଲ, ବୈଲୋଚନ ନାୟକ ପ୍ରମୁଖ ଦୁଃଖ ପ୍ରକାଶ କରିବା ସହ ପ୍ରଶାସନ ଏ ଦିଗରେ ଅନୁଧ୍ୟାନ କରି ପଦକ୍ଷେପ ନେବା ଜରୁରୀ ବୋଲି ମତ ପୋଷଣ କରିଛନ୍ତି। ଏ ବାବଦରେ ସୋସୋ ପୋଲିସ ନିକଟରେ କୌଣସି ସୂଚନା ନ ଥିବା ଥାନା ଅଧିକାରୀ ବିଜୟ ବିହାରୀ କହିଛନ୍ତି।



ଭିକ ମାଗୁଥିବା ଭଉଣୀ, ଭାଇ।

# ‘ଭକ୍ତିଭାବ ରହିଲେ ପ୍ରତିଷ୍ଠା ହେବ ଶାନ୍ତି, ମୈତ୍ରୀ’

**ତିହିଡ଼ି, ୨୯।୧୦ (ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତର ନୂଆପାଟଣା ଗ୍ରାମରେ ରବିବାର ଲକ୍ଷ୍ମୀନାରାୟଣ ପୂଜାର ଶତବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ସମସ୍ତଙ୍କ ମନରେ ଭକ୍ତିଭାବ ରହିଲେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି କାଳନ୍ଦୀ ଚରଣ ଦାସଙ୍କ ପୌରୋହିତ୍ୟ ଓ କବି ରବି କୁମାର ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ସମସ୍ତଙ୍କ ସହଯୋଗ ରହିଲେ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତିରେ ଅଗ୍ରଗତି ଘଟିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ ଓ ରୁଜାତା ପଣ୍ଡା, ତ୍ୟାଗଭୂମି ସଭାପତି ଅଜୟ ନାୟକ, ପୀରହାଟ ଥାନାଧିକାରୀ ଶ୍ରୀକାନ୍ତ ପତି, ସରପଞ୍ଚ ସୁପ୍ରଭା ପାଣି, ସମିତିସଭ୍ୟ ନକୁଳ ଚନ୍ଦ୍ର ବାରିକ, ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଶତବାର୍ଷିକୀ ସ୍ମରଣିକା ‘ନମୋଃ ନାରାୟଣ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଗ୍ରାମର ସ୍ୱର୍ଗତ ତଉଲି ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ମହେଶ୍ୱର ବାରିକ, ବଟକୃଷ୍ଣ ଦାସ, ରାଧାଶ୍ୟାମ ଦତ୍ତ, ଦଧି ବାରିକଙ୍କ ସମ୍ବର୍ଦ୍ଧନାକୁ ସେମାନଙ୍କ ଉତ୍ତରାଧିକାରୀ ଗ୍ରହଣ କରିଥିବା ବେଳେ ନନ୍ଦକିଶୋର ବାରିକ ଓ ରବୀନ୍ଦ୍ର ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ପତି ଅତିଥି ପରିଚୟ ଦେଇଥିବା ବେଳେ ଅନୀଲ ପାଣି ବେଦପାଠ କରିଥିଲେ। ଶିକ୍ଷକ ସୁବାସ ଦାସ, ରାଜେଶ ସେଠୀ, ମନ୍ଦିର ପରିଚାଳନା କମିଟି ସମ୍ପାଦକ କପିଳେନ୍ଦ୍ର ବାରିକ, କୋଷାଧ୍ୟକ୍ଷ ନାରାୟଣ ବାରିକ, ସଦସ୍ୟ ପ୍ରଦୀପ କୁମାର ଦାସ, ପ୍ରତାପ କୁମାର ଲେଙ୍କା, ଘନଶ୍ୟାମ ପରିଡ଼ା, ଭ୍ରମରବର ବାରିକ, ଜଗବନ୍ଧୁ ବାରକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ନୂଆପାଟଣା ଲକ୍ଷ୍ମୀନାରାୟଣ ପୂଜାର ଶତବାର୍ଷିକୀ ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଅଗ୍ନିକାଣ୍ଡରେ ଘର ଜଳିଗଲା

ମୋରଡ଼ା,(ସ୍ମାରକ ମାଝୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଧୀନ ବାଘାଝରଣ ଗ୍ରାମ ଡାହିସାହିରେ ଅଗ୍ନିକାଣ୍ଡରେ ଏକ ଘର ଜଳିଯାଇଛି। ଘରେ ଥିବା ଧାନ, ଚାଉଳ, ଟଙ୍କା ଆସବାବପତ୍ର, ସୁନା ଗହଣା ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଶନିବାର ରାତିରେ ସାହିର ସିଲୁ ହେମ୍ବ୍ରମ ପରିବାର ଲୋକଙ୍କ ସହ ସ୍ଥାନୀୟ ପୁନିଆତାଣ୍ଡି ଗ୍ରାମକୁ ମେଳା ବୁଲିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ଘରେ ନିଆଁ ଲାଗିଥିଲା। ସାହିର ବସନ୍ତ ହାଁସଦା ଦେଖି ଚିତ୍ରଡ଼ା ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



## ସଂକ୍ଷେପରେ

### ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

ଭଣ୍ଡାରିପୋଖରୀ, ୨୯।୧୦ (ରବିନାରାୟଣ ଖିଲାର)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ରବିବାର ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ କରାଯାଇଛି। ବ୍ଲକ ଉପ ବିଭାଗୀୟ ଅଧିକାରୀ ସୟଦ ଫିରଦୋଶ ଆଲାମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ସରୋଜକାନ୍ତ ନାୟକ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଏପିଓ, ଜିଆର୍ଏସ୍ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ରାସ୍ତାରେ ଗୋମାଂସ ପଡ଼ିବାକୁ ନେଇ ଉତ୍ତେଜନା

ରାଇରଙ୍ଗପୁର, ୨୯।୧୦ (ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବହଳଦା ବଙ୍ଗଳା ଛକ ବାଇପାସ୍ ବସ୍ତି ଅଞ୍ଚଳ ରାସ୍ତାରେ ରବିବାର ଗୋମାଂସ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିବା ବେଳେ ଗ୍ରାମବାସୀ ରାସ୍ତାରେ ଗୋମାଂସ ବୋଝେଇ କରି ଯାଉଥିବା ଗାଡ଼ିକୁ ଅଟକାଇ ପୋଲିସ ଜିମା ଦେଇଥିଲେ। ଉକ୍ତ ଗୋମାଂସ ବେପାରୀଙ୍କୁ ତୁରନ୍ତ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଗ୍ରାମବାସୀ ବହଳଦା ପାର୍ଶ୍ୱ ୨୨୦ ନଂ. ଜାତୀୟ ରାଜପଥ ସହ ସଂଯୋଗ ରାସ୍ତା ଅବରୋଧ କରିଥିଲେ। ଏଥିସହ ସେମାନେ ମାର୍କେଟ ଏବଂ ସାପ୍ତାହିକ ହାଟ ବନ୍ଦ କରିଥିଲେ। ଖବରପାଇ ଭାରପ୍ରାପ୍ତ ଅତିରିକ୍ତ ଏସ୍ପି ଉମାଶଙ୍କର ମହାରଣା, ଏସ୍ଡିପିଓ ଗୋକୁଳାନନ୍ଦ ସାହୁ, ବହଳଦା ଥାନା ଅଧିକାରୀ ରଞ୍ଜନ କୁମାର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ସଦଳବଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲା। ପୋଲିସ ବୁଝାଶୁଝା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ଅବରୋଧ ଫଳରେ ଜାତୀୟ ରାଜପଥରେ ୮ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା।

### ଟ୍ରକ୍ ପଛରେ ପିଟିଲା କଣ୍ଟେନର, ଡ୍ରାଇଭର ମୃତ

ରୂପ୍ସା,୨୯।୧୦(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଭେଲୋରା ଛକରେ ଶନିବାର ବିଳମ୍ବିତ ରାତିରେ ଟ୍ରକ୍ ପଛରେ ଏକ କଣ୍ଟେନର ଧକ୍କା ଦେବା ଫଳରେ କଣ୍ଟେନର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ଘୁଣ୍ଟୁର ଜିଲା ହରିଜନୱାଡା ଅଞ୍ଚଳର ଶ୍ରିନୁ ଶଙ୍କୁରୁ (୪୩)। ମାଛ ଭର୍ତ୍ତି କଣ୍ଟେନରଟି ଆନ୍ଧ୍ରପ୍ରଦେଶରୁ ବାହାରି କୋଲକାତା ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। କଣ୍ଟେନର ଡ୍ରାଇଭର କ୍ୟାବିନ ମଧ୍ୟରେ ଚାପିହୋଇ ରହିଯାଇଥିଲେ। ବସ୍ତା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିବା ବେଳେ ବାଟରେ ମୃତ୍ୟୁ ହୋଇଥିଲା। ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ସମେତ ଅମର୍ଦ୍ଦାରୋଡ୍ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

# 'ସାହସ, ଧୈର୍ଯ୍ୟ ଦ୍ୱାରା ବିପର୍ଯ୍ୟୟ ମୁକାବିଲା ସମ୍ଭବ'

### ଜିଲାସ୍ତରୀୟ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ

ବାଲେଶ୍ୱର ଅଫିସ,୨୯।୧୦ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲାସ୍ତରୀୟ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ସମାରୋହ-୨୦୨୩ ରବିବାର ପାଳିତ ହୋଇଯାଇଛି।

୧୯୯୯ ମହାବାତ୍ୟା ପରେ ପ୍ରତିବର୍ଷ ଅକ୍ଟୋବର ୨୯କୁ ବିପର୍ଯ୍ୟୟ ପ୍ରଶମନ ଦିବସ ଭାବେ ପାଳନ କରାଯାଇ ଆସୁଛି। ଚଳିତ ବର୍ଷ ଦିବସର ବିଷୟ ରହିଛି 'ସଶକ୍ତ ଗୋଷ୍ଠୀ, ସୁରକ୍ଷିତ ଓଡ଼ିଶା'। ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୯ଟା ସମୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରୁ ଏକ ସଚେତନତା ର୍‌ୟାଲି ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ଏଠାରେ ଏନ୍‌ଡିଆର୍‌ଏଫ୍. ଏବଂ ଓଡିଆର୍‌ଏଏଫ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ମକ୍ ଡ୍ରିଲ, ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ସୁରକ୍ଷା ଯନ୍ତ୍ର ଓ ପ୍ରଣାଳୀର ପ୍ରଦର୍ଶନ କରାଯାଇଥିଲା। ପରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ ୧୯୯୯ ମହାବାତ୍ୟା ଭୟାବହତା ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟଦର୍ଶିନୀ ମଲ୍ଲିକ ଯୋଗଦେଇ ଗୋଷ୍ଠୀ ସ୍ତରରେ ସୁରକ୍ଷା ଜ୍ଞାନ କୌଶଳର ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଏନ୍‌ଡିଆର୍‌ଏଫ୍‌ର ଅଧିକାରୀ ଅରୁଣ ଲାମ୍ବା, ଓଡିଆର୍‌ଏଏଫ୍‌ର ଅଧିକାରୀ ଅଭୟ କୁମାର ଦଳେଇ, ଅଗ୍ନିଶମ ସେବା ବିଭାଗର ଅଧିକାରୀ ଜମୁନା ପ୍ରସାଦ ମହାନ୍ତ ପ୍ରମୁଖ ମହାବାତ୍ୟାରୁ ଆଜି ପର୍ଯ୍ୟନ୍ତ ବିଗତ ୨୪ ବର୍ଷ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ହାସଲ କରିଥିବା ସଫଳତାର ଏକ ତୁଳନାତ୍ମକ ଚିତ୍ର ବର୍ଣ୍ଣନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ମହାବାତ୍ୟା ବେଳର ଅନୁଭୂତି ବର୍ଣ୍ଣନା କରିବା ସହ ଉପସ୍ଥିତ ଏନ୍‌ସିସି, ସ୍କାଉଟ୍ ଓ ଅନ୍ୟ ଛାତ୍ରୀଛାତ୍ର ତଥା ଆପଦା ମିତ୍ରମାନଙ୍କୁ ସାହସ ଓ ଧୈର୍ଯ୍ୟର ସହ ବିପର୍ଯ୍ୟୟର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ସଭା ପରିଚାଳନା କରିଥିଲେ।

ଏହି ଅବସରରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।



ବାହାନଗା ଟ୍ରେନ ଦୁର୍ଘଟଣାବେଳେ ଉଦ୍ଧାର କାର୍ଯ୍ୟରେ ଉଲ୍ଲେଖନୀୟ ସହଯୋଗ ପାଇଁ ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କୁ ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ଭୁବନେଶ୍ୱର ଠାରେ ସମ୍ବର୍ଦ୍ଧିତ କରାଯାଉଛି।

# ରାଜ୍ୟସ୍ତରରେ ଭଦ୍ରକକୁ ୪ ପୁରସ୍କାର

### ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ



ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଉଛି।

ଭଦ୍ରକ,୨୯।୧୦(ସନାତନ ରାଉତ)

ଭଦ୍ରକ ଜିଲା ସଦର ମହକୁମାରେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ ରବିବାର ପାଳନ କରାଯାଇଛି। ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ଏବଂ ଅନ୍ୟତମ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା କ୍ରୀଡ଼ା ଅଧିକାରୀ ପଦ୍ମନ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ଜିଲା ଜରୁରୀକାଳୀନ ଅଧିକାରୀ ମନୋରମା ଜାଲି ଦିବସ ପାଳନର ଆଭିମୁଖ୍ୟ ସହ ବିପର୍ଯ୍ୟୟ ପରିଚାଳନାରେ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଗ୍ନିଶମ ଅଧିକାରୀ ବାସୁଦେବ ମହନ୍ତଙ୍କ ନେତୃତ୍ୱରେ ମକଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ସକାଳେ ବିଭିନ୍ନ ସ୍କୁଲର ପିଲାମାନଙ୍କୁ ନେଇ ପଦଯାତ୍ରା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅମ୍ଳାନ ଅନୁପମ ସେନାପତି ସହଯୋଗ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଭଦ୍ରକ ଜିଲାକୁ ବିଭିନ୍ନ ବିଭାଗରେ ରାଜ୍ୟସ୍ତରୀୟ ୪ଟି ପୁରସ୍କାର ମିଳିଛି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଓସଡମାର ପରିଚାଳନା ନିର୍ଦ୍ଦେଶକ ଜ୍ଞାନ ଦାସଙ୍କ ଉପସ୍ଥିତିରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ବାସୁଦେବପୁରର ରାଧାକାନ୍ତପୁର ବାତ୍ୟାଶ୍ରୟସ୍ଥଳକୁ ବେଷ୍ଟ ବାତ୍ୟାଶ୍ରୟ ପରିଚାଳନା ପୁରସ୍କାର, କଷିଆ ବହୁମୁଖୀ ବାତ୍ୟାଶ୍ରୟସ୍ଥଳକୁ ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ପ୍ରଥମ ଓ ଚାନ୍ଦବାଲିର ଓରାମାଳ ବହୁମୁଖୀ ବାତ୍ୟାଶ୍ରୟସ୍ଥଳକୁ ପ୍ରାଥମିକ ଚିକିତ୍ସାରେ ୩ୟ ପୁରସ୍କାର ମିଳିଛି।

# ବାଲେଶ୍ୱର କଙ୍କର୍ ଏଫ୍‌ସି ଚାମ୍ପିୟନ

### ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

ନୀଳଗିରି,୨୯।୧୦(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ଅଧୀନ ଭଉଁରୀୟାବାଡ଼ ପଞ୍ଚାୟତର ତେରେଲଡ଼ିହି ପଡ଼ିଆରେ ଜୁମିଦ ଖେରୱାଲ ଆଥଲେଟିକ କ୍ଲବ (ଜେକେଏସି) ପକ୍ଷରୁ ଚାଲିଥିବା ୩୨ତମ ୨ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡୁଆଲ ବ୍ରଦର୍ସ ବାଲେଶ୍ୱରକୁ ୫-୪ ପେନାଲ୍‌ଟି ଗୋଲରେ ହରାଇ ବାଲେଶ୍ୱର କଙ୍କର୍ ଏଫ୍‌ସି ଚାମ୍ପିୟନ ହୋଇଥିଲା। ବିଜେତା ଦଳକୁ ୭୦ ହଜାର, ଉପ ବିଜେତା ଦଳକୁ ୫୦ ହଜାର ଏବଂ ସେମି ଫାଇନାଲରେ ପରାଜିତ ଦଳକୁ ୧୦ ହଜାର ଟଙ୍କାର ନଗଦ ପୁରସ୍କାର ଦିଆଯାଇଥିଲା।

ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନମୋହନ ମାଝୀ ଫିତାକାଟି ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରବିବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ସନ୍ତୋଷ ଖଟୁଆ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନମୋହନ ମାଝୀ, ଜିଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଅନୁସୂଚିତ ଜାତିର ସଭାପତି ଶରତ ଦାସ, ଅବସରପ୍ରାପ୍ତ ଜେଲ୍ ଡିଆଇଜି ରଘୁନାଥ ମାଝି, ଅବସରପ୍ରାପ୍ତ ଆଇଆଇସି ଲମ୍ବୋଦର ମାଝି, ଫ୍ରାନସିସ୍ ବେକନ ସ, ଜିଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ବୁଦ୍ଧିରାମ ସିଂ, ଶରତ ଚନ୍ଦ୍ର ମାଝି, ଚୈତନ୍ୟ ମୁର୍ମୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ନେଇ ସଚେତନତା

ବାରିପଦା,୨୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲା ଏମର୍ଜେନ୍ସି ଅପେରସନ ସେଣ୍ଟର ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସାମାଜିକକର୍ମୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ବାରିପଦା ଉପ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ ସବୁଜ ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରିଥିଲେ। ରାଲି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିବା ସହିତ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ କିମ୍ବା ନିଜ ଆଖପାଖରେ କେହି କୌଣସି ବିପଦର ସମ୍ମୁଖୀନ ହେଲେ ସେଥିରୁ କେମିତି ଆତ୍ମରକ୍ଷା କରିହେବ, ଅନ୍ୟମାନଙ୍କୁ କିପରି ସାହାଯ୍ୟ କରି ଜୀବନ ରକ୍ଷା କରିବେ ସେ ବିଷୟରେ ବାର୍ତ୍ତା ଦେଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ଏମର୍ଜେନ୍ସି ଟିମ୍ ଏବଂ ଅଗ୍ନିଶମ ବିଭାଗ ତରଫରୁ ବିପର୍ଯ୍ୟୟ ସମୟରେ ବିଭିନ୍ନ ଉପାୟରେ କେମିତି ବିପଦରେ ପଡ଼ିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିହେବ ସେ ସମ୍ବନ୍ଧରେ କଳା କୌଶଳ ପ୍ରଦର୍ଶନ କରିଥିଲେ। ପରେ ସଦ୍‌ଭାବନା ସଭା ଗୃହଠାରେ ଜିଲା ଜରୁରିକାଳୀନ ବିଭାଗର ଡେପୁଟି କଲେକ୍ଟର ଦୁର୍ଗାଚରଣ ମୁର୍ମୁଙ୍କ ଆବାହକତ୍ୱରେ ଏକ ସାଧାରଣ ସଭାରେ 'ସୁରକ୍ଷିତ ଓଡ଼ିଶା ପାଇଁ ଗୋଷ୍ଠୀ ସଶକ୍ତିକରଣ' ଉପରେ ଆଲୋଚନା ହୋଇଥିଲା।



ଅତିରିକ୍ତ ଜିଲାପାଳ ଓ ବାରିପଦା ଉପ ଜିଲାପାଳ ସବୁଜ ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରୁଛନ୍ତି।

# ବାତ୍ୟା ମୁକାବିଲା, ପରିଚାଳନାରେ ରାଧାକାନ୍ତପୁର ବହୁମୁଖୀ ବାତ୍ୟାଶ୍ରୟସ୍ଥଳ ପ୍ରଥମ



ରାଧାକାନ୍ତପୁର ବାତ୍ୟା ଆଶ୍ରୟସ୍ଥଳ କମିଟି ସଦସ୍ୟ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ବାସୁଦେବପୁର, ୨୯।୧୦ (ନାରାୟଣ ପ୍ରସାଦ ବାରିକ୍)

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ରବିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବାସୁଦେବପୁର ପୌରପାଳିକାର ରାଧାକାନ୍ତପୁର ବହୁମୁଖୀ ବାତ୍ୟାଶ୍ରୟସ୍ଥଳକୁ ପୁରସ୍କୃତ କରାଯାଇଛି। ବାତ୍ୟା ମୁକାବିଲା ଓ ପରିଚାଳନାରେ ଏହି ବାତ୍ୟାଶ୍ରୟସ୍ଥଳ ରାଜ୍ୟରେ ପ୍ରଥମ ହୋଇଛି। ଏହାର ସଭାପତି ତଥା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ, ସମ୍ପାଦକ ରଞ୍ଜିତ କଳା, ନୋଡାଲ ଏନ୍‌ଜିଓର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ପ୍ରମୁଖ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଓ ରାଜସ୍ୱ ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କଠାରୁ ଟ୍ରଫି ଗ୍ରହଣ କରିଛନ୍ତି। ନଗଦ ୧୦ ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯାଇଛି। ସେହିପରି କଷିଆ ବହୁମୁଖୀ ବାତ୍ୟାଶ୍ରୟସ୍ଥଳକୁ ବାତ୍ୟା ଅନୁସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ମିଳିଛି।

# ୬୨ ବର୍ଷରେ ପଦ୍ମପୁର ମହାଲକ୍ଷ୍ମୀ ପୂଜା

କେନ୍ଦୁଝର,୨୯।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ପଦ୍ମପୁରରେ ପ୍ରସିଦ୍ଧ ମହାଲକ୍ଷ୍ମୀ ପୂଜା ଚଳିତ ବର୍ଷ ୬୨ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ପୂଜା ଧୁମ୍‌ଧାମରେ ପାଳନ କରାଯାଉଥିବା ବେଳେ ଶନିବାର ନାମ ସଂକୀର୍ତ୍ତନମଣ୍ଡଳୀଙ୍କ ନାଦରେ ଗ୍ରାମ ପଦ୍ମପୋଖରୀରୁ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପୁରୋହିତ ହୃଦାନନ୍ଦ ମିଶ୍ର ଓ ବିନୟ ସାହୁ ପୂଜା କାର୍ଯ୍ୟ ତୁଲାଇଥିଲେ। ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ମାଳାରେ ରାସ୍ତାଘାଟ ଝଲସୁଛି। ଆକର୍ଷଣୀୟ ତୋରଣ ସହ ପୂଜା ପେଣ୍ଡାଲରେ ସଚେତନତା ଧର୍ମୀ ବାରୁଆଳି ପ୍ରଦର୍ଶିତ ହେଉଛି। ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ପରିଚିତ ସାଇ ସମ୍ରାଟ ଯାତ୍ରା ପାର୍ଟି ପକ୍ଷରୁ ମଞ୍ଚସ୍ଥ ହେଉଛି। ପଦ୍ମପୁର ମହାଲକ୍ଷ୍ମୀପୂଜା କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ଉତ୍ତମ ସାହୁ, ବିବେକାନନ୍ଦ ସାହୁ, ଅମୀୟ ସାହୁ, ଜନ୍ମେଜୟ ସାହୁ, ଗୋଲକ ବିହାରୀ ସାହୁ, ମହେନ୍ଦ୍ର ସାହୁ, ସଞ୍ଜୀବ ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, କୁଲୁ ସାହୁ, ପଦନ ସାହୁ, ଦିବ୍ୟାଲୋଚନ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।



ପୂଜା ପେଣ୍ଡାଲରେ ପ୍ରଦର୍ଶିତ ବାରୁଆଳି।

# ଆଲୋକ ଦେଖିଲେ ମାଙ୍କଡ଼ହଟିଂବାସୀ

### ସୋଲାର ଲାଇଟ୍ ସ୍ଥାପନ ପରେ ଲୋକେ ଆଶ୍ୱସ୍ତ

ଯୋଡ଼ା,୨୯।୧୦(ମାନସ ମହାନ୍ତି)

ବିଦ୍ୟୁତ୍ ସଂଯୋଗ ନିମନ୍ତେ ବର୍ଷ ବର୍ଷ ଧରି ସରକାରଙ୍କ ନିକଟରେ ଦାବି ଜଣାଇ ଆସୁଥିଲେ। ଏପରିକି ପ୍ରତି ନିର୍ବାଚନ ସମୟରେ ବିଦ୍ୟୁତ୍ ସମସ୍ୟା ସମାଧାନ ନେଇ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କେହି ପଦକ୍ଷେପ ଗ୍ରହଣ କରୁ ନ ଥିଲେ। ବାରମ୍ବାର ଦାବି ପରେ ଯଦିଓ ସରକାର ବସ୍ତିକୁ ବିଦ୍ୟୁତ୍ ସଂଯୋଗ କରିନାହାନ୍ତି। ତେବେ ସୋଲାର ଲାଇଟ ସ୍ଥାପନ କରି ବସ୍ତିକୁ ଆଲୋକିତ କରି ଥିବାରୁ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ଭୂୟାଁ ରୋଇଡ଼ା ପଞ୍ଚାୟତର ମାଙ୍କଡ଼ହଟିଂବାସୀ ଖୁସିବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ମାଙ୍କଡ଼ହଟିଂରେ ଆଦିବାସୀ ଲୋକେ ବସବାସ କରନ୍ତି। ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ରାତି ସମୟରେ ଜଙ୍ଗଲ ପରିବେଷ୍ଟିତ ଜନବସତିରେ ନିଜର ଜୀବନ ସୁରକ୍ଷା ପାଇଁ ଲଣ୍ଠନ ଓ ଡିବିରିବତୀ ହିଁ ସାହାରା ହୋଇଥିଲା। ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାରେ ସୋଲାର ଲାଇଟ୍ ସ୍ଥାପନ ପରେ ଜନବସତି ଆଲୋକିତ ହୋଇଛି। ଏ ନେଇ ଗ୍ରାମର ସୁପାଇ ଟପ୍ପୋ, ଗୋପାଲ ଓରାମ, ମଙ୍ଗଲ ମୁଣ୍ଡା, ମହେନ୍ଦ୍ର କେରାଇ, ସମରା ବେଣ୍ଟକାର ପ୍ରମୁଖ କହିଛନ୍ତି, ଖଣିଜ ସମ୍ପଦ ପାଇଁ ଯୋଡ଼ା ବିଶ୍ୱରେ ପରିଚିତ। ଅନେକ ହଜାର କୋଟି ଟଙ୍କାର ରାଜସ୍ୱ ସରକାର ଏଠାରୁ ଆଦାୟ କରୁଛନ୍ତି। ବ୍ୟାପକ ଖଣି ଖନନ ପରେ ଜଙ୍ଗଲ, ଜମି, ଜଳ ଓ ପରିବେଶ ଭୁଶୁଡ଼ିବାରେ ଲାଗିଛି। ଏହା ସତ୍ତ୍ୱେ ଆଦିବାସୀମାନଙ୍କ ମୌଳିକ ସୁବିଧା ପ୍ରତି ଖଣି ଲିଜଧାରୀମାନେ ଦୃଷ୍ଟି ଦେଉନାହାନ୍ତି। ସରକାରଙ୍କ ପକ୍ଷରୁ ସୋଲାର ଲାଇଟ ସ୍ଥାପନ ଦ୍ୱାରା ଗାଁ ଆଲୋକିତ ହୋଇଛି। ମାତ୍ର ଗ୍ରାମରେ ସ୍ଥାୟୀ ଆଲୋକ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।



ମାଙ୍କଡ଼ହଟିଂରେ ଲାଗିଥିବା ସୋଲାର ପ୍ୟାନେଲ।

# ଗୋରୁଙ୍କ କବ୍‌ଜାରେ ମେଡିକାଲ ରାସ୍ତା

କେନ୍ଦୁଝର,୨୯।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର ସହର ପାଲଟିଛି ଗୋରୁଙ୍କ ଅବାଧ ଚଳପ୍ରଚଳ ଅଞ୍ଚଳ। ବିଶେଷକରି ଜିଲା ମୁଖ୍ୟ ଡାକ୍ତରଖାନା (ମେଡିକାଲ କଲେଜ ଡାକ୍ତରଖାନା) ରାସ୍ତାରେ ଗୋରୁ ଅବାଧରେ ରାସ୍ତା ଉପରେ ଜମା ହୋଇ ରହୁଥିବାରୁ ଆମ୍ବୁଲାନ୍ସ ଯିବା ଆସିବାରେ ସମସ୍ୟା ଉପୁଜୁଛି। ପୌରପାଳିକା କାର୍ଯ୍ୟାଳୟ, ଅତିରିକ୍ତ ଜିଲାପାଳଙ୍କ ଆବାସ ଆଦି ନିକଟରେ ଏଭଳି ଅବସ୍ଥାକୁ ନେଇ କାହାରି ନଜର ପଡୁ ନ ଥିବାରୁ ଅସନ୍ତୋଷ ବଢୁଛି।

ପ୍ରକାଶ ଯେ, ଏହି ରାସ୍ତା ପୁରୁଣା ସହର ବଡ଼ଦେଉଳ, ସିଦ୍ଧମଠ ଆଦି ଧାର୍ମିକ ସ୍ଥଳକୁ ସଂଯୋଗ କରୁଛି। ଅନେକ ସମୟରେ ପରିଭ୍ରମଣ କରିବାକୁ ଦୈନିକ ବହୁ ସ୍ଥାନୀୟ ଲୋକ ତଥା ପର୍ଯ୍ୟଟକ ଯାତାୟାତ କରିଥାନ୍ତି। ସେହିପରି ସହରର ଲାବଣ୍ୟ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ରାସ୍ତା, ମାଇନିଂ ରୋଡ୍, କଲେଜ ରୋଡ୍ ଆଦି ରାସ୍ତାରେ ଗୋରୁ ଗୋଠ ଯୋଗୁ ରାସ୍ତାଜାମ, ଦୁର୍ଘଟଣା ଘଟୁଛି। ଏଥିପାଇଁ ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ରାସ୍ତାଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଏ ନେଇ ପଦକ୍ଷେପ ନେବାକୁ ସହରବାସୀ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ନଚେତ୍ କୌଣସି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବେ ବୋଲି ସାମାଜିକ କର୍ମୀ ଦିଲୀପ କୁମାର ସାହୁ କହିଛନ୍ତି।



